**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**13 July - 2024**

**News Editor : *Itishree Singh Rathaur***

## ଦକ୍ଷିଣମୋଡ

ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରଦ୍ଧାଳୁମାନେ ଶ୍ରୀଜୀଉଙ୍କୁ ଆଡପ ଦର୍ଶନ କରୁଛନ୍ତି । ଗତକାଲି ତିନିରଥ ଦକ୍ଷିଣମୋଡ ନେଇ ଆଜ୍ଞାମାଳ ବିଜେ ହେବାପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ଓ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥକୁ ଦକ୍ଷିଣମୋଡ କରାଯାଇ ନାକଚଣା ଦ୍ୱାରରେ ରଖାଯାଇଛି । ଆଜି ନନ୍ଦିଘୋଷ ରଥର ଦକ୍ଷିଣମୋଡ କରାଯିବ । ଆସନ୍ତାକାଲି ସନ୍ଧ୍ୟା ଦର୍ଶନ ଏବଂ ସୋମବାର ବାହୁଡାଯାତ୍ରା ଅନୁଷ୍ଠିତ ହେବ ।

## ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୧୫ ତାରିଖ ସୋମବାର ଦିନ ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିବେ । ଭୁବନେଶ୍ୱର ୟୁନିଟ୍-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ସକାଳ ୮ଟାରୁ ୧୨ଟା ପର୍ଯ୍ୟନ୍ତ ଅଭିଯୋଗ ପଞ୍ଜିକରଣ ହେବା ପରେ ଶୁଣାଣି ହେବ ।

# ମେଡ଼ିକାଲ କଲେଜ

ରାଜ୍ୟରେ ଖୁବ୍‌ଶୀଘ୍ର କନ୍ଧମାଳ, ଯାଜପୁର ଓ ତାଳଚେରରେ ମେଡ଼ିକାଲ କଲେଜ କାର୍ଯ୍ୟକ୍ଷମ ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି । ଗତକାଲି କଟକ ଏସ୍‌ସିବି ମେଡ଼ିକାଲ ଗସ୍ତରେ ଆସି ସେ କହିଛନ୍ତି ଯାଜପୁର ପାଇଁ ଜାତୀୟ ମେଡ଼ିକାଲ କାଉନ୍‌ସିଲ ୫୦ଟି ଆସନ ପାଇଁ ଅନୁମତି ଦେଇଛି । ବାକି ୨ଟି ମେଡ଼ିକାଲ କଲେଜ ପାଇଁ ଖୁବ୍‌ଶୀଘ୍ର ଆବେଦନ କରାଯିବ । ସରକାର ରୋଗୀଙ୍କୁ ଉନ୍ନତ ଚିକିତ୍ସା ଯୋଗାଇଦେବା ପାଇଁ ସଂକଳ୍ପବଦ୍ଧ ବୋଲି ସେ କହିଛନ୍ତି । ସୂଚନା ଅନୁସାରେ ରାଜ୍ୟରେ ବର୍ତ୍ତମାନ ୧୧ଟି ମେଡ଼ିକାଲ କଲେଜ ରହିଛି ।

## ମତ୍ସ୍ୟ ଉତ୍ପାଦନ କେନ୍ଦ୍ର

ରାଜ୍ୟ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଗଞ୍ଜାମ ଆର୍ଯ୍ୟପଲ୍ଲୀଠାରେ ଏକ ଅତ୍ୟାଧୁନିକ ମତ୍ସ୍ୟ ଉତ୍ପାଦନ କେନ୍ଦ୍ର ସ୍ଥାପନ ଲାଗି କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି । ତାମିଲନାଡୁର ମଦୁରାଇଠାରେ ଆୟୋଜିତ ଦୁଇଦିନିଆ ଫିସେରୀ ସମର ମିଟ୍-୨୦୨୪ରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ମଲ୍ଲିକ ଅସ୍ତରଙ୍ଗରେ ଥିବା ଫିସିଙ୍ଗ ହାର୍ବର କେନ୍ଦ୍ର ପାଇଁ ଆଉ ୧୮୦ କୋଟି ଟଙ୍କା ଏବଂ ମତ୍ସ୍ୟ ଉତ୍ପାଦନ ଓ ବିକ୍ରି ପାଇଁ କ୍ଲଷ୍ଟର ନିର୍ମାଣ ନିମନ୍ତେ ୧୬୨ କୋଟି ଟଙ୍କା ଯୋଗାଇଦେବାକୁ କେନ୍ଦ୍ରମନ୍ତ୍ରୀ ରାଜୀବ ରଞ୍ଜନ ସିଂହଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ

ସମ୍ବଲପୁର ଜିଲ୍ଲା ଯମନକିରା ବ୍ଲକ ଫାସିମାଲ ଏବଂ କେନାଡ଼ିପା ପଞ୍ଚାୟତରେ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି । ଫାସିମାଲ ଡାକ୍ତରଖାନାରେ ନୂତନ ଭାବେ ନିର୍ମିତ ରୋଗୀ ପରୀକ୍ଷାଗାର ଉଦ୍‌ଘାଟନ କରିଥିଲେ । ଆଗାମୀ ଦିନରେ ଡାକ୍ତରଖାନାର ବିଭିନ୍ନ ସମସ୍ୟା ପୂରଣ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ନାଏକ କହିଥିଲେ ।

# ଡେଙ୍ଗୁ ନିୟନ୍ତ୍ରଣ

ରାଜ୍ୟରେ ଡେଙ୍ଗୁ ସଂକ୍ରମଣ ନିୟନ୍ତ୍ରଣ ସହ ସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ୧୦ଟି ବିଭାଗକୁ ପତ୍ର ଲେଖିଛନ୍ତି । ସେ ତାଙ୍କ ଚିଠିରେ ଲେଖିଛନ୍ତି ସ୍ଥିତିର ନିୟନ୍ତ୍ରଣ ପାଇଁ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରିବାର ଆବଶ୍ୟକତା ରହିଛି । ବିଶେଷକରି ଡେଙ୍ଗୁ ଓ ଅନ୍ୟ ଜଳବାହିତ ରୋଗରେ ମୃତ୍ୟୁହାର ହ୍ରାସ କରିବା ପାଇଁ ଠିକ୍ ସମୟରେ ନିୟନ୍ତ୍ରଣ ଓ ପ୍ରତିରୋଧ ପାଇଁ ପଦକ୍ଷେପ ନେବା ଜରୁରୀ । ଶ୍ରୀ ଆହୁଜା ସ୍କୁଲ ଓ କଲେଜ ଗୁଡ଼ିକରେ ବିଭିନ୍ନ ସମୟରେ ସଚେତନତା ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିଭଳି ସ୍କୁଲ ଚାରିପାଖ ନିୟମିତ ସଫାକରିବା ତଥା ଆବାସିକ ବିଦ୍ୟାଳୟ ଗୁଡ଼ିକରେ ଛାତ୍ରଛାତ୍ରୀଙ୍କୁ ମଶାରୀ ଯୋଗାଇ ଦେବାକୁ କୁହାଯାଇଛି ।

ଏନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡକ୍ଟର ନୀଳକଣ୍ଠ ମିଶ୍ର କହିଛନ୍ତି ଡେଙ୍ଗୁ ଓ ମେଲେରିଆର ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି । ଘରକୁଘର ବୁଲି ସ୍ୱାସ୍ଥ୍ୟକର୍ମୀମାନେ ପରୀକ୍ଷଣ କରୁଛନ୍ତି ।

# +୨ ନାମଲେଖା

ଚଳିତ ଶିକ୍ଷାବର୍ଷ ପାଇଁ ଯୁକ୍ତ ୨ ପ୍ରଥମ ବର୍ଷରେ ନାମଲେଖା ନିମନ୍ତେ ଆବେଦନ ପ୍ରକ୍ରିୟା ଶେଷ ହୋଇଛି । ଆସନ୍ତା ୨୦ ତାରିଖରେ ପ୍ରଥମ ଚୟନ ତାଲିକା ପ୍ରକାଶ ପାଇବ । ଏଥିରେ ମନୋନୀତ ଛାତ୍ରଛାତ୍ରୀ ୨୨ରୁ ୨୭ ତାରିଖ ପର୍ଯ୍ୟନ୍ତ ନାମ ଲେଖାଇପାରିବେ । ସୂଚନା ଅନୁସାରେ ଆସନ୍ତା ଅଗଷ୍ଟ ପହିଲାରୁ ଯୁକ୍ତ ୨ ପ୍ରଥମବର୍ଷ ପାଠପଢ଼ା ଆରମ୍ଭ ହେବ ।

ରାଜ୍ୟର ୨ହଜାର ୩୪୩ଟି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ୪ଲକ୍ଷ ୭୧ହଜାର ୫୮୭ଜଣ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି ।

# ଘଞ୍ଚ ଜଙ୍ଗଲ ସୃଷ୍ଟି

ଅନୁଗୁଳ ଜିଲ୍ଲାରେ କମ୍ ସମୟ ମଧ୍ୟରେ ଘଞ୍ଚ ଜଙ୍ଗଲ ସୃଷ୍ଟି ପାଇଁ ଓଡ଼ିଶା ବନ ଉନ୍ନୟନ ନିଗମ ଜାପାନିଜ୍ ପଦ୍ଧତି ଆପଣାଇଛନ୍ତି । ପ୍ରଥମ ପର୍ଯ୍ୟାୟରେ କଣିହାଁରେ ୨ ହେକ୍ଟର ଜମିରେ ମିଆ-ୱାକି ପଦ୍ଧତିରେ କୃତ୍ରିମ ଜଙ୍ଗଲ ସୃଷ୍ଟି କରାଯିବ । ଏଥିରେ ହେକ୍ଟର ପିଛା ୮ହଜାର ଚାରା ରୋପଣ

କରାଯିବ । ୧୦ବର୍ଷ ମଧ୍ୟରେ ଏଗୁଡ଼ିକ ପୂର୍ଣ୍ଣାଙ୍ଗ ବୃକ୍ଷରେ ପରିଣତ ହେବ । ଅଳ୍ପ ଜାଗାରେ ଏହି ପଦ୍ଧତିରେ ସବୁଜ ବଳୟ ସୃଷ୍ଟି କରିବାକୁ ବନ ନିଗମ ପଦକ୍ଷେପ ନେଉଥିବା ଜଣାପଡିଛି ।

## ସୁଦର୍ଶନ ପଟ୍ଟନାୟକ-ସ୍ୱର୍ଣ୍ଣପଦକ

ରୁଷ୍‌ର ସାଂସ୍କୃତିକ ରାଜଧାନୀ ସେଣ୍ଟ ପିଟର୍ସବର୍ଗରେ ଅନୁଷ୍ଠିତ ଅନ୍ତର୍ଜାତୀୟ ବାଲୁକା କଳା ପ୍ରତିଯୋଗିତାରେ ବିଶିଷ୍ଟ ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି । ଶ୍ରୀ ପଟ୍ଟନାୟକ ୧୨ଫୁଟ ଉଚ୍ଚ ରଥାରୁଢ଼ ଶ୍ରୀଜଗନ୍ନାଥ ଓ ଭକ୍ତ ବଳରାମ ଦାସଙ୍କୁ ବାଲୁକା କଳାରେ ପ୍ରଦର୍ଶିତ କରିଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସଫଳତା ପାଇଁ ଶ୍ରୀ ପଟ୍ଟନାୟକଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ଗୌରୀଶଙ୍କରଙ୍କ ଜୟନ୍ତୀ

ଓଡ଼ିଆ ଭାଷା ଆନ୍ଦୋଳନର ପୁରୋଧା କର୍ମବୀର ଗୌରୀଶଙ୍କର ରାୟଙ୍କର ଆଜି ଜୟନ୍ତୀ ପାଳନ କରାଯାଉଛି । ତାଙ୍କ ସମ୍ପାଦନାରେ ପ୍ରଥମ ଓଡ଼ିଆ ସମ୍ବାଦପତ୍ର 'ଉତ୍କଳ ଦୀପିକା' ପ୍ରକାଶିତ ହୋଇଥିଲା । ଆଧୁନିକ ଓଡ଼ିଶାର ଅନ୍ୟତମ ନିର୍ମାତା ଭାବେ ପରିଚିତ କର୍ମବୀର ଗୌରୀଶଙ୍କର କଟକ ପ୍ରିଣ୍ଟିଂ କମ୍ପାନୀ ସ୍ଥାପନ କରି ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ଦିଗରେ ସ୍ୱର ଉତ୍ତୋଳନ କରିଥିଲେ ।

# ପାଣିପାଗ

ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀବାୟୀ ସକ୍ରିୟ ରହିଛି । ଏହାର ପ୍ରଭାବରେ ଆଜିଠାରୁ ୪ଦିନ ଯାଏଁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଆଜି ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡା, ଗଜପତି, ଗଞ୍ଜାମ, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ଅନେକ ସ୍ଥାନରେ ବିଜୁଳି ଓ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବ । ଏହି ଜିଲ୍ଲାଗୁଡ଼ିକୁ ସତର୍କତା ଜାରି କରାଯାଇଛି । ଗତକାଲି ଭଦ୍ରକ ଜିଲ୍ଲାର ଚାନ୍ଦବାଲିଠାରେ ସର୍ବାଧିକ ଅଣାଅଶୀ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।